# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 September – 2026**

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ବିଧାନସଭା ସପ୍ତମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ

– ଆଜି ଅନୁଷ୍ଠିତ ହୋଇଛି ସର୍ବଦଳୀୟ ବୈଠକ

- ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ-୨୦୨୬ ଅଧୀନରେ ପ୍ରକାଶ ପାଇଲା ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା

– ସାମିଲ ହୋଇଛନ୍ତି ୨ ଲକ୍ଷ ୪୫ ହଜାରରୁ ଉର୍ଦ୍ଧ୍ୱ ନୂଆ ଭୋଟର

- ସ୍ନାତକୋତ୍ତର ମେଡିକାଲ ଶିକ୍ଷା ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ପାଇଁ ଅନୁମୋଦିତ ହେଲା ଡି.ଏନ୍.ବି. ସିଟ୍

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତାକାଲିଠାରୁ ଗୁରୁବାର ପର୍ଯ୍ୟନ୍ତ ଉପକୂଳ ସମେତ ରାଜର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଜାରି ହେଲା ସତର୍କ ସୂଚନା

# ବିଧାନସଭା ଅଧିବେଶନ

ରାଜ୍ୟ ବିଧାନସଭାର ସପ୍ତମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୮ଟି ସରକାରୀ ଓ ଗୋଟିଏ ବେସରକାରୀ ଏହିଭଳି ମୋଟ୍ ୯ଟି କାର୍ଯ୍ୟଦିବସ ରହିବ । ୨୬ ଓ ୨୭ ତାରିଖ ସରକାରୀ ଛୁଟି ଏବଂ  ଆସନ୍ତା ମାସ ୨ ତାରିଖରେ ଗାନ୍ଧୀ ଜୟନ୍ତୀ ପାଇଁ ମଧ୍ୟ ଗୃହକାର୍ଯ୍ୟ ବନ୍ଦ ରହିବ ।

ଅଧିବେଶନର ଅବ୍ୟବହିତ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତିଙ୍କ ବିଧାନସଭା ପ୍ରକୋଷ୍ଠରେ ଆୟୋଜିତ ଏହି ବୈଠକରେ ଆଗାମୀ ଅଧିବେଶନକୁ ସୂଚାରୁରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଛି । ଗୃହକାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି’ ସବୁ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି । ଏହି  ଅଧିବେଶନରେ ୬ଟି ବିଧେୟକ ଉପରେ ଆଲୋଚନା ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏମ୍.ଏମ୍.ଡି.ଆର୍ ସଂଶୋଧନ ବିଲ୍ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି ।

**- V/O -**

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ,

ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

BBSR/R

## ଏସ୍ଆଇଆର

ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ ଏସ୍.ଆଇ.ଆର୍-୨୦୨୬ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମୋଟର ଭୋଟର ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ ହୋଇଛି। ସେଥିରେ ପୁରୁଷ ଭୋଟର ସଂଖ୍ୟା ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯, ମହିଳା ଭୋଟର ସଂଖ୍ୟା ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଏବଂ ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୨ହଜାର ୭୭୪ ହୋଇଛି। ଭୋଟର ତାଲିକାରେ ୨ ଲକ୍ଷ ୪୫ ହଜାର ୭୨୦ ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରୁ ଏ ପର୍ଯ୍ୟନ୍ତ ୪୪ ହଜାର ୭୭୭ ଜଣ ଭୋଟର ବାଦ୍ ପଡ଼ିଥିବା ସେ ସୂଚନା ଦେଇଛନ୍ତି। ଏହି ତାଲିକାର ନକଲ ସମସ୍ତ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରଦାନ କରାଯାଇଛି। ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରରେ ମଧ୍ୟ ଏହା ଉପଲବ୍ଧ ହେବ ବୋଲି ଶ୍ରୀ ଗୋପାଳନ କହିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ଅଭିଯୋଗଗୁଡ଼ିକର ଜିଲ୍ଲାପାଳ ପ୍ରଥମ ଏବଂ ରାଜ୍ୟ ମୁଖ୍ୟ

ନିର୍ବାଚନ ଅଧିକାରୀ ଦ୍ୱିତୀୟ ଆପେଲାଟ୍ ଅଥରିଟିଭାବେ ଶୁଣାଣି କରିବେ ବୋଲି ଶ୍ରୀ ଗୋପାଳନ କହିଛନ୍ତି ।

BBSR/R

## ଗୁଣାତ୍ମକ ଶିକ୍ଷା

ଡାକ୍ତରୀ ବିଜ୍ଞାନ ପାଠ୍ୟକ୍ରମ ଜାତୀୟ ପରୀକ୍ଷଣ ପରିଷଦ - ଏନ୍.ବି.ଇ.ଏମ୍.ଏସ୍. ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟକୁ ସ୍ନାତକୋତ୍ତର ମେଡିକାଲ ଶିକ୍ଷା ପାଇଁ ମାନ୍ୟତା ପ୍ରଦାନ କରିଛି । ୫ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ରୋଗ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଦୁଇଟି ଲେଖାଏଁ ଡି.ଏନ୍.ବି. ସିଟ୍ ଆବଣ୍ଟନ କରାଯାଇଛି । ସେଗୁଡ଼ିକ ହେଉଛି ଜଗତସିଂହପୁର, ଜୟପୁର, ଫୁଲବାଣୀ, ଢେଙ୍କାନାଳ ଓ ରାୟଗଡ଼ା । ସେହିପରି  ପ୍ରସୂତି ଓ ସ୍ତ୍ରୀ ରୋଗ ବିଜ୍ଞାନ ଡିପ୍ଲୋମା ପାଠ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୁଇଟି ଏବଂ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗୋଟିଏ ଡି.ଏନ୍.ବି ସିଟ୍ ଆବଣ୍ଟନ କରାଯାଇଛି । କୋରାପୁଟସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଆନାସ୍ଥେସିଓଲୋଜି ଏବଂ ମେଡିସିନ୍‌ରେ ମୋଟ୍ ୪ଟି ଡି.ଏନ୍.ବି. ସିଟ୍ ପରିଷଦ ଅନୁମୋଦନ କରିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସରକାରୀ ଚିକିତ୍ସାଳୟଗୁଡ଼ିକୁ ଉଚ୍ଚମାନର ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରଭାବେ ଗଢ଼ିତୋଳିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ପରିଷଦ ପକ୍ଷରୁ ଡି.ଏନ୍.ବି. ସିଟ୍ ପାଇଁ ମାନ୍ୟତା ପ୍ରଦାନ ଏକ ଉତ୍ସାହଜନକ ପଦକ୍ଷେପ ବୋଲି ଡକ୍ଟର ମହାଲିଙ୍ଗ ବର୍ଣ୍ଣନା କରିଛନ୍ତି ।

Debagada

# କଲ୍ୟାଣମୂଳକ ଯୋଜନା

ଦେବଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନାର ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବସୁନ୍ଧରା ଯୋଜନାରେ ଘରଡିହ ବର୍ଣ୍ଟନ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ଅଟଳ ପେନସନ୍ ଯୋଜନା, ନୂତନ ରାସନକାର୍ଡ, ଧାନ ସଂଗ୍ରହ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଆଦି ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ ପ୍ରଗତି ନେଇ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

MET

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ' ଗଭୀର ଅବପାତରେ ପରିଣତ ହେବ। ଆସନ୍ତା ବୁଧବାର ସୁଦ୍ଧା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି ।  ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ପୁରୀଠାରୁ ଆରମ୍ଭ କରି ଦକ୍ଷିଣକୁ ଥିବା ଜିଲ୍ଲାଗୁଡ଼ିକ ବେଶି ପ୍ରଭାବିତ ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ସନ୍ଧ୍ୟାରୁ ପବନର

ବେଗ ବୃଦ୍ଧି ପାଇବା ସହ ବୁଧବାର ଓ ଗୁରୁବାର ରାଜ୍ୟର କେତେକ ଅଞ୍ଚଳରେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ୨୫ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ବର୍ଷା ହେବ। ପ୍ରବଳ ବର୍ଷା ଦୃଷ୍ଟିରୁ ନଦୀ ଜଳସ୍ତର ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇପାରେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଲୋକସେବା ଭବନରେ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି, ରାଜ୍ୟର ୧୧ଟି ଜିଲ୍ଲା ଉପରେ ଏହାର ପ୍ରଭାବ ପଡ଼ିବା ନେଇ ଅନୁମାନ କରାଯାଇଛି। ଉପକୂଳ ତଥା ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇନ୍ଦିରାବତୀ ଓ ତେଲିଙ୍ଗିରି ଡ୍ୟାମରେ ଜଳସ୍ତର ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**- V/O -**

ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଅଗ୍ନିଶମ ମହାନିର୍ଦ୍ଦେଶକଙ୍କ ସମେତ ପୁଲିସର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

ଏହାର ପ୍ରଭାବରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୮ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

Ganjam

## ବର୍ଷା– ଆଗୁଆ ପ୍ରସ୍ତୁତି

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି। ୧୧୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ୧ ହଜାରରୁ ଅଧିକ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଜିଲ୍ଲପାଳ ଭି.କୀର୍ତ୍ତିଭାସନ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଆଶ୍ରୟସ୍ଥଳୀଗୁଡ଼ିକର ସ୍ଥିତି ଯାଞ୍ଚ କରିଛନ୍ତି। ଗୋପାଳପୁର ସମୁଦ୍ରକୂଳ ପରିଦର୍ଶନ କରି ଜିଲ୍ଲାପାଳ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକ ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆବଶ୍ୟକସ୍ଥଳେ ସମୁଦ୍ରକୂଳିଆ ଅଞ୍ଚଳର ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାର ସମସ୍ତ ବେଳାଭୂମି ଆସନ୍ତାକାଲିଠାରୁ ବନ୍ଦ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

Nayagada/Rayagada/Debagada/Subarnpur/Ganjam/Kalahandi/Boudh/Nuapada/

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ଆଜି ବିଭିନ୍ନ ଜିଲ୍ଲାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବାର ଖବର ହସ୍ତଗତ ହୋଇଛି।

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ୧୫୫ଟି ଅଭିଯୋଗର ଶୁଣାଣି ହୋଇଛି।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଅନୁଷ୍ଠିତ ଶିବିରରେ ୭୦ଟି ଅଭିଯୋଗର ଶୁଣାଣି ହେବା ସହ ୧୫ଟିର ତତ୍କାଳ ସମାଧାନ ହୋଇଛି।

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଶିବିରରେ ୪୯ଟି ଅଭିଯୋଗର ଶୁଣାଣି ହୋଇଛି।

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୯ଟି ଅଭିଯୋଗର ଶୁଣାଣି ହେବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ସମାଧାନ ସଂକ୍ରାନ୍ତ ନିର୍ଦ୍ଦେଶ ଦିଆଯାଇଛି।

ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଶୁଣାଣି ହୋଇଥିବା ୮୭ଟି ଅଭିଯୋଗ ମଧ୍ୟରୁ ୧୬ଟି ତୁରନ୍ତ ସମାଧାନ ହୋଇଛି।

ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ସମ୍ମିଳନୀ କକ୍ଷଠାରେ  ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି।

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୩୭ଟି ଅଭିଯୋଗର ଶୁଣାଣି ହୋଇଛି।

ସୁବର୍ଣ୍ଣପୁର ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୫୫ଟି ଅଭିଯୋଗର ଶୁଣାଣି ହୋଇଛି।

BBSR/R

## ପୁଲିସ ହକି ଚମ୍ପିଆନସିପ୍

୭୭ତମ ରାଜ୍ୟ ପୁଲିସ ହକି ଚମ୍ପିଆନସିପ-୨୦୨୬ ଆଜିଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ଆଇ.ପି.ଏସ୍ ଅଧିକାରୀ ପ୍ରକାଶ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭାରତୀୟ ହକିର ବିକାଶ ଓ ଲୋକପ୍ରିୟତାରେ ଓଡ଼ିଶାର ଅବଦାନ ଉପରେ ଆଲୋକପାତ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ପୁଲିସ ରେଞ୍ଜ ଓ ବାଟାଲିୟନ ୩୬୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଉଦ୍‌ଘାଟନୀ ସମାରୋହରେ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

Desk

## ବିଶ୍ୱଦକ୍ଷତା ପ୍ରତିଯୋଗିତା

ଚୀନ୍‌ର ସାଂଘାଇଠାରେ ୪୮ତମ ବିଶ୍ୱଦକ୍ଷତା ପ୍ରତିଯୋଗିତା-୨୦୨୬ ଆସନ୍ତାକାଲିଠାରୁ ହେଉଛି। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସାଂଘାଇର ନ୍ୟାସନାଲ ଏକ୍‌ଜିବିସନ୍ ଆଣ୍ଡ କନଭେନସନ୍ ସେଣ୍ଟରଠାରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ୭୦ଟି

ରାଷ୍ଟ୍ରର ପ୍ରାୟ ୧୪ ଶହ ପ୍ରତିଯୋଗୀ ୬୪ଟି ବର୍ଗରେ ଏଥିରେ ଅଂଶଗ୍ରହଣ କରୁଛନ୍ତି। ପୂର୍ବରୁ ନୂଆଦିଲ୍ଲୀରେ ଆୟୋଜିତ ଭାରତ ଦକ୍ଷତା ପ୍ରତିଯୋଗିତା–୨୦୨୫-୨୬ରେ ସର୍ବାଧିକ ପଦକ ହାସଲ କରି ଓଡ଼ିଶାରେ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଭାରତୀୟ ପ୍ରତିଯୋଗୀ ଦଳ ସାଂଘାଇଠାରେ ପହଁଞ୍ଚିଛନ୍ତି।